# ତହସିଲଦାର ଙ୍କ କାର୍ଯ୍ୟାଳୟ ,ରାଉରକେଲା

## ଦୀର୍ଘମିଆଦୀ ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ଇସ୍ତାହାର

## AUCTION NOTICE

ବିଜ୍ଞପ୍ତି ସଂଖ୍ୟା : ୩୪୮୮ ତା: ୩୧.୧୦.୨୦୨୨

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାଇ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ଵ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧିନସ୍ଥ ରାଉରକେଲା ତହସିଲ ଅନ୍ତର୍ଗତ **କ୍ଲଷ୍ଟର (Cluster) ସଇରାତ ଉତ୍ସ "ଝରାବାହାଲ ପଥର ଖଣି -୧" ଓ "ଝରାବାହାଲ ପଥର ଖଣି -୨"** OMMC Rule 2016, OMMC (Amendment) Rule 2017,2018 ଏବଂ 2022 ଅନୁସାରେ ଆସନ୍ତା ୫ (ପାଞ୍ଚ ) ବର୍ଷ ନିମନ୍ତେ ତହସିଲଦାର ରାଉରକେଲା ତଥା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ଦ୍ଵାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule -2016 ର Form-M ପୂରଣ କରି ଏହାର 3 (ତିନି) କପି ସହ ନିମ୍ନ ଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି sealed cover envelope ରେ Registered Post/Speed Post ଜରିଆରେ ତହସିଲଦାର,ରାଉରକେଲା ଙ୍କ ଠିକଣା ରେ ଆବେଦନ କରିପାରିବେ କିମ୍ବା ତହସିଲଦାର,ରାଉରକେଲା ଙ୍କ କାର୍ଯ୍ୟାଳୟ ରେ ଥିବା ଟେଣ୍ଡର ବାକ୍ସ (Tender Box) ରେ **ତା : ୦୪-୧୧-୨୦୨୨ ରିଖ ଠାରୁ ତା: ୨୧.୧୧-୨୦୨୨**(ଛୁଟି ଦିନ ବ୍ୟତିତ) ଅପରାହ୍ନ **୫.୦୦ ଘଟିକା** ସୁଦ୍ଧା ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଆସନ୍ତା ଦିନ ଅର୍ଥାତ **ତା: ୨୨-୧୧-୨୦୨୨ ରିଖ ଦିବା ୧୧.୦୦ ଘଟିକା** ସମୟରେ ଉକ୍ତ ଟେଣ୍ଡର ବାକ୍ସ ତହସିଲ କାର୍ଯ୍ୟାଳୟ ରେ ଖୋଲାଯାଇ ,ଲିଜ ଦାଖଲକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ,ଦରଖାସ୍ତ ଗୁଡିକ ତନଖି କରାଯାଇ ନିଲାମ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖରେ ନିଲାମ ହୋଇ ନ ପାରିଲେ, ଦ୍ଵିତୀୟ ଥର ପାଇଁ **ତା: ୨୯-୧୧-୨୦୨୨ ରିଖ** ଓ ଦ୍ଵିତୀୟ ଥର ପାଇଁ ନିଲାମ ହୋଇ ନ ପାରିଲେ ତୃତୀୟ ଥର ପାଇଁ **ତା: ୦୬-୧୨-୨୦୨୨ ରିଖ ଦିବା ୧୨.୦୦ ଘଟିକା** ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ **୩.୦୦ ଘଟିକା** ସମୟ ରେ ପୂର୍ବ ନିୟମ ମୁତାବକ Tender Box ଖୋଲାଯିବ । sealed cover envelope ଉପରେ ସଇରାତ ଉତ୍ସ ର ନାମ ଓ ସଇରାତ କେସ ନଂ ଲେଖା ଥିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା ତହସିଲଦାର ରାଉରକେଲା ତଥା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ସୁନ୍ଦରଗଡ ଙ୍କ ର ରହିଅଛି ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ଦସ୍ତାବିଜ / ଦଲିଲ

୧ - ଦରଖାସ୍ତ ଫି ସକାଶେ ଟ ୧୦୦୦ .୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ (Non-refundable)ସଂଲଗ୍ନ କରିବେ । ( Head of Account-0853-non-ferrous Mining and metallurgical Industries-102-Mining Concession fee, Rent and Royalties)

୨ - ଆବେଦନକାରୀ ଙ୍କ ଦ୍ଵାରା କୌଣସି ଖଣିଜ ଦେୟ ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

ଚନ୍ଦ୍ରକାନ୍ତ ମଲ୍ଲିକ

୩- ଆବେଦନକାରୀ ରୟାଲଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦ କୁ ବାର୍ଷିକ ଶତକଡା ୫% ହାର ରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ (ପଥର) ର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money Deposit) ଓ ଅନ୍ୟାନ୍ୟ ଦେୟ Demand Draft (Original) ଆକାରରେ ପଇଠ କରିବେ ।

୪- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ବିଜ୍ଞପ୍ତି ନଂ-PT1-RDM-MMS-MEET-0002-2019-12160/R&DM, Dtd:19 April 2022 ଅନୁଯାଇ:-

"Income Tax return of Previous Financial year showing Annual Income for an amount not less than the amount of additional charge offered and the Royalty payable for the minimum guaranteed quantity for one whole year or Bank guarantee valid for a period of eighteen months for the amount not less than the amount as above"

ଉପରୋକ୍ତ ଆଦେଶ ଅନୁଯାଇ ଆବେଦନକାରୀ ବାର୍ଷିକ ଆୟ ଉଲ୍ଲେଖ ଥିବା ବିଗତ ଆର୍ଥିକ ବର୍ଷ ର Income Tax return କିମ୍ବା Bank Guarantee (ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ), ଯାହାର ମୂଲ୍ୟ ବାର୍ଷିକ ସର୍ବ ନିମ୍ନ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ(MGQ) ଅନୁସାରେ ଉପରୋକ୍ତ ରୟାଲିଟି(Royalty) ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ (Offered Additional Charge) ର ମୂଲ୍ୟ ଠାରୁ କମ ହୋଇ ନ ଥିବ, ତାହା ଦାଖଲ କରିବେ ।

୫- ଆବେଦନକାରୀ ବୈଧ GST Registration Certificate ର ଅବିକଳ ନକଲ ଦାଖଲ କରିବେ।

୬- ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀ ତଥା ତହସିଲଦାର, ରାଉରକେଲାଙ୍କ ରହିଛି । ସଇରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ ଜିଲ୍ଲା ୱେବସାଇଡ (www.sundergarh.nic.in ) ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏ ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରୁ ଯେ କୌଣସି କାର୍ଯ୍ୟ ଦିବସ ରେ ମିଳିପାରିବ ।

**ଲଘୁ ଖଣିଜାତ କ୍ଲଷ୍ଟର ସୈରାତ ଉତ୍ସ (Cluster Sairat Source) ର ବିବରଣୀ**

| କ୍ରମିକ ନଂ | ସୈରାତ ଉତ୍ସ ର ନାମ / କେସ ନମ୍ବର | ସୈରାତ ଉତ୍ସ ର ବିସ୍ତୃତ ବିବରଣୀ | | | | | ବାର୍ଷିକ ସର୍ବ ନିମ୍ନ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜାତ ଦ୍ରବ୍ୟ ର ପରିମାଣ (Minimum Guaranteed Quantity per annum) (ଘ ମି ରେ) | ରୟାଲିଟି ମୂଲ୍ୟ ପ୍ରତି ଘ .ମି ରେ | ଘନମିଟର ପ୍ରତି ସର୍ବ ନିମ୍ନ ଅତିରିକ୍ତ ଦେୟ (minimum additional charge) ଟଙ୍କାରେ | ବଇନା ରାଶି (earnest Money) ଟଙ୍କାରେ |
|---|---|---|---|---|---|---|---|---|---|---|
| | | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର ରେ) | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ଝରାବାହାଲ ପଥର ଖଣି-୧ TMC No.02/22 | ରା.ଟା.ୟୁ-୪୭ | ୨୫ (ରକ୍ଷିତ) | ୨୮୦/ସ୍ଥ ୨୮୧/ସ୍ଥ | ପର୍ବତ | ୧୨.୦୦ | ୨୦,୦୦୦ | ୧୩୦.୦୦ | ୨୦୦.୦୦ | ୩,୩୦,୦୦୦ |
| ୨ | ଝରାବାହାଲ ପଥର ଖଣି-୨ TMC No.03/22 | | | ୨୮୧/ସ୍ଥ | | ୫.୩୦ | ୬,୦୦୦ | ୧୩୦.୦୦ | ୨୦୦.୦୦ | ୯୯,୦୦୦ |

# ସର୍ତ୍ତାବଳୀ

୧ – ଆବେଦନକାରୀ ମାନେ **OMMC Rule-2016 ଓ OMMC(Amendment) Rules-2017,2018, 2022** ପରିସର ଭୁକ୍ତ ରହିବେ ।

୨- ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମ ରେ ଭାଗ ନେବା ପୂର୍ବ ରୁ ସଇରାତ ଉତ୍ସ କୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମନ୍ତେ ଉଦ୍ଦିଷ୍ଟ ନିଲାମ ରେ ଅଂଶ ଗ୍ରହଣ କରିବେ ।

୩- ଲିଜ ପରେ ସୈରାତ ଚଳାଇବା ବାବଦ କୁ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪- ଲିଜ ଦିଆ ଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫- ପଥର ପାଇଁ ରୟାଲଟି ମୂଲ୍ୟ ଘନ ମିଟର ପ୍ରତି (per cubic meter) ଟ **୧୩୦ .୦୦** ଅଟେ ।

୬-ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବ ନିମ୍ନ ଅତିରେକ୍ତ ଦେୟ (minimum additional charge)ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ନ ଥିବା ଦରଖାସ୍ତକାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆ ଯିବ।

୭- ପ୍ରଚଳିତ ନିୟମ ଅନୁଯାଇ ଅତିରିକ୍ତ ଦେୟ (Additional Charge) ବାବଦ କୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀ ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବେ, ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୮- ନିଲାମ ରେ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ ପ୍ରତି ଘନ ମିଟର ପାଇଁ ଅତିରିକ୍ତ ଦେୟ (Additional Charge) ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆ ଯିବା ନିମନ୍ତେ ନିଲାମ ର ସାତ(୦୭) ଦିନ ମଧ୍ୟରେ ଜଣାଇ ଦିଆଯିବ । ସର୍ବୋଚ୍ଚ ନିଲାମଧାରୀ ଙ୍କୁ ଜଣାଇବାର ପନ୍ଦର ଦିନ(୧୫) ମଧ୍ୟରେ ସେ ନିଜର ସ୍ବୀକୃତି ପ୍ରଦାନ କରିବା ସହ ନିଜେ ଦାଖଲ କରିଥିବା ନିଲାମ ଡାକ ଅନୁଯାଇ ରୟାଲଟି(Royalty), ଅତିରିକ୍ତ ଦେୟ(Additional Charge), ଜିଲ୍ଲା ଖଣିଜ ଫାଉଣ୍ଡେସନ (District Mineral Foundation) ଓ ପରିବେଶ ପରିଚାଳନା ଅର୍ଥ (Environment Management Fund) ନିମନ୍ତେ ଧାର୍ଯ୍ୟ ଅଂଶଦାନ ପାଇଁ ଦେବାକୁ ଥିବା ସର୍ବମୋଟ ଆର୍ଥିକ ଦେୟ ର ୨୫ % ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଅବଶିଷ୍ଟ ଅର୍ଥ Demand Draft ଆକାରରେ ଜମା କରିବେ । ଏହି ଜମା ଅର୍ଥ ସହ ପୂର୍ବ ରୁ ଦାଖଲ ହେଇଥିବା ବଇନା ରାଶି (Earnest Money) କୁ ଏକତ୍ର କରି ଅମାନତ ରାଶି (Security Deposit) ବିନା ସୁଧ (Interest free) ଭାବରେ ରଖାଯିବ । ସର୍ବୋଚ୍ଚ ନିଲାମଧାରୀ ରୟାଲଟି ସହ ଅଫର କରିଥିବା ଘନ ମିଟର ପ୍ରତି ଅତିରିକ୍ତ ଦେୟ

ଚନ୍ଦ୍ରକାନ୍ତ ମଲ୍ଲିକ

ଓ ଅନ୍ୟାନ୍ୟ ସରକାରୀ ଦେୟ ଯେପରିକି ସରଫେସ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ରାଶି କୁ ଅଂଶ ଦାନ, ଆୟକର (TCS)ଇତ୍ୟାଦି ଲଘୁ ଖଣିଜାତ ଦ୍ରବ୍ୟ ରିହାତି ନିୟମ -୨୦୧୬ ଅନୁଯାଇ ଯଥା ସମୟରେ ପଇଠ କରିବେ।

୯- ଯଦି ସର୍ବୋଚ୍ଚ Additional charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ସର୍ବାଧିକ additional charge ମୂଲ୍ୟାଙ୍କ କରିଥିବା ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ଏବଂ ଯଦି ଦ୍ୱିତୀୟ ସର୍ବୋଚ୍ଚ Additional charge ମୂଲ୍ୟାଙ୍କ କରିଥିବା ଆବେଦନ କାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି, ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନ କାରୀ ଙ୍କ ଅର୍ଥ ରାଶି ଠାରୁ ଅତି କମ ହୋଇଥାଏ, ତେବେ ନିଲାମ ପ୍ରକ୍ରିୟା କୁ ରଦ୍ଦ କରାଯାଇ Controlling Authority ଙ୍କର ଅନୁମୋଦନ କ୍ରମେ ପୁନର୍ବାର ନିଲାମ କରାଯିବ ।

୧୦-ନିଲାମ ସମୟରେ ଆବେଦନକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

୧୧ - ସର୍ବୋଚ୍ଚ ନିଲାମଧାରୀ କ୍ଲଷ୍ଟର ମାଇନିଙ୍ଗ ପ୍ଲାନ (Cluster Mining Plan), ପରିବେଶ ମଞ୍ଜୁରି(Environment Clearance) ପ୍ରସ୍ତୁତି ଏବଂ ମଞ୍ଜୁରୀ ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚ ବହନ କରିବେ ।

୧୨- ସର୍ବୋଚ୍ଚ ନିଲାମଧାରୀ ଖଣି ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent To Establish & Consent To Operate) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ଓଡିଶା (State Pollution Control Board, Odisha)ଙ୍କ ଠାରୁ ନିଜ-ଖର୍ଚ୍ଚ ରେ ପ୍ରାପ୍ତ କରିବେ ।

୧୩ – ସର୍ବୋଚ୍ଚ ନିଲାମଧାରୀ କ୍ଲଷ୍ଟର ମାଇନିଙ୍ଗ ପ୍ଲାନ ରେ ଦର୍ଶା ଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟ ର ପରିମାଣ ଓ ଖାଦାନ ର ଧାର୍ଯ୍ୟ ରକବା ଅନୁଯାୟୀ ଧାର୍ଯ୍ୟ ରୟାଲଟି ,ଅତିରିକ୍ତ ଦେୟ (Additional Charge),ସରଫେସ ରେଣ୍ଟ ,ଜିଲ୍ଲା ଖଣିଜ ଫାଉଣ୍ଡେସନ(District Mineral Foundation)ଓ ପରିବେଶ ପରିଚାଳନା ରାଶି (EMF)କୁ ଧାର୍ଯ୍ୟ ଅଂଶ ନିୟମ ଅନୁଯାୟୀ ଜମା କରିବା ପରେ ଓ ସମସ୍ତ ଆବଶ୍ୟକୀୟ ମଞ୍ଜୁରୀ ଆଣିବା ପରେ Form-N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚ ରେ ଏହାକୁ ରେଜିଷ୍ଟ୍ରେସନ (ରେଜିଷ୍ଟ୍ରେସନ ଆକ୍ଟ -1908 ଓ ଷ୍ଟାମ୍ପ ଆକ୍ଟ -1899 ଅନୁଯାୟୀ ) କରିବେ ।

୧୪- ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟ ର ୨% ଆୟକର (TCS) ବାବଦ କୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

୧୫- ଲିଜଧାରୀ ସଇରାତ ଉତ୍ସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟର ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସଇରାତ ଉତ୍ସ ର ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

ଚନ୍ଦ୍ରକାନ୍ତ ମଲ୍ଲିକ

୧୬- ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସ ରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

୧୭-ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

୧୮- ସମସ୍ତ ନିଲାମ ଦରଖାସ୍ତକାରୀ ଏବଂ ଲିଜ ଗ୍ରହିତା OMMC Rule-2016 ର ନିୟମ 33(1-29) & OMMC Amendment Rule 2017,2018, & 2022 ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ଓ ତତ ସହିତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ କୁ ମାନିବେ ।

୧୯- ନିଲାମ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ତତ ସମ୍ବନ୍ଧୀୟ କାଗଜାତ ଅତ୍ର କାର୍ଯ୍ୟାଳୟ ରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖି ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ (www.sundergarh.nic.in) ରେ ଉପଲବ୍ଧ ଅଛି ।

୨୦- ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀ ତଥା ତହସିଲଦାର ରାଉରକେଲାଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ନିଲାମ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ ।

ତହସିଲଦାର, ରାଉରକେଲା

ଜ୍ଞାପକ ସଂ- ୩୪୦୦ ତା: ୩୧.୧୦.୨୦୨୨

ଏହାର ଏକକିତା ନକଲ ଓ Form-M ର କପି ସହ ତହସିଲଦାର ରାଉରକେଲା ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ଜିଲ୍ଲାପାଳ ସୁନ୍ଦରଗଡ଼ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା/ ଉପଜିଲ୍ଲାପାଳ ପାନପୋଷ/ ମହାନଗର ନିଗମ, ରାଉରକେଲା / ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନୀରୀକ୍ଷକଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ମୌଜା ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ରାଉରକେଲା

ଜ୍ଞାପକ ସଂ- ୩୪୦୧. ତା : ୩୧.୧୦.୨୦୨୨.

ଏହାର ଏକକିତା ନକଲ ଓ Form- M ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ,ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉଅଛି କି ଏହି ବିଜ୍ଞପ୍ତି କୁ ସେ ଜିଲ୍ଲା ୱେବସାଇଟ୍‌ରେ (www.sundergarh.nic.in ) ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ହେବେ ।

ତହସିଲଦାର, ରାଉରକେଲା

FORM – M

Application for grant of Quarry Lease

[*See* rule 27(4)]

To

.............................................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................. years over............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No.......... dated.......is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant.......................................................
   (ii) Nationality of the applicant.................................................................
   (iii) Profession of the applicant................................................................
   (iv) Particulars of the areas, mineral wise, within the State for which the applicant or any person having joint interest with him.................................................
   a) Already holds a quarry lease...................................................
   b) Has already applied for a quarry lease but not granted ..........................
   c) Being applied for simultaneously.............................................
   d) Nature of joint interest, if any..................................................
   (v) Means by which the minor minerals is/are to be raised, i.e. whether manual or mechanical......................
   (vi) Manner in which the minor mineral raised to be utilized-
   (a) For manufacture........................
   (b) For sale.....................................
   (c) Any other purpose.....................
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.